ORIYA
ALPHABET & SPELLING BOOK

BY

MADHUSUDAN RAO

ବର୍ଣ୍ଣବୋଧ ।

ଶ୍ରୀ ମଧୁସୂଦନ ରାଓ ପ୍ରଣୀତ



MACMILLAN & CO., LIMITED
CALCUTTA, BOMBAY AND LONDON

One Anna ମୂଲ୍ୟ ୧ • / ଅଣା ।



ଏଲେକ୍‌ଜାଣ୍ଡ୍ରା, ମହାରାଣୀ ।

ବର୍ଣ୍ଣବୋଧ ।

ସ୍ୱରବର୍ଣ୍ଣ ।

1	2	3	4	5	6
ଅ	ଆ	ଇ	ଈ	ଉ	ଊ
7	8	9	10	11	12
ଋ	ୠ	ଏ	ଐ	ଓ	ଔ

12

'ୠ' never used.



ବ୍ୟଞ୍ଜନବର୍ଣ୍ଣ ।

କ 1	ଖ 2	ଗ 3	ଘ 4	ଙ 5
ଚ 6	ଛ 7	ଜ 8	ଝ 9	ଞ 10
ଟ 11	ଠ 12	ଡ 13	ଢ 14	ଣ 15
ତ 16	ଥ 17	ଦ 18	ଧ 19	ନ 20
ପ 21	ଫ 22	ବ 23	ଭ 24	ମ 25

ଯ 26	ର 27	ଲ 28	ବ 29
ଶ 30	ଷ 31	ସ 32	ହ 33
ଡ଼ 34	ଢ଼ 35	ୟ 36	ଳ 37

37

ଂ 1	ଃ 2	ଁ 3

03

No difference between 23 and 29
ବ ବ

ଅଙ୍ଗ	ଆମ୍ବ	ଈଶ	ଊନ	ଏକ	
ରଙ୍ଗ	ଊଷଂ	ଆପ	ଋଣ	ଓଠ	10.



କର	ଚକ	ଠକ	ଦଶ	ରସ	
ଘର	ଛକ	ନଖ	ଯଶ	ବସ	
ଖଟ	ଜଳ	ଡର	ଧନ	ଘର	
ଘଟ	ଫଳ	ଥର	ମନ	ଧର	
ଗଛ	ବଡ	ଢ଼ମ	ଭୟ	ଛଠ	
ପଛ	ଝଡ	ଯମ	ଳୟ	ହଠ	30.

ଅଳସ	ଦଂଶନ	ସହଜ	ଶୟନ	
କଳସ	ଶକଟ	ସରଳ	ସମୟ	
ଅଂଚନ	ରଜକ	ସଳଖ	ସରସ	12

ବର୍ଣ୍ଣବୋଧ ।

ବଚନ	ରଜତ	ସକଳ	ଔରସ
ଓଜନ	ଚରଣ	ବୟସ	ଔଷଧ
ଭଜନ	ଶରଣ	ପଣସ	ଆଳସ୍ୟ

ଚଳମନ । ଧନଜନ । ରଥଚକ୍ର । ଓଠଚଉ । ଘରପନ୍ତ । ବରଗଛ ।
ହଳଧର । ହଳକର । କଟକ ନଗର । ଧବଳ ଠଗର । ଜଳ ବର-
ଷଣ । ଉଲଟ ଚଷଣ ।

ଅକାର ବନା ।

କ ଅ କା । ଖ ଅ ଖା

ଗା ଘା ଙ୍କ ଞ୍ଚ ଛା ଝା ଟା ଠା ଡା ଢା ଣା ତା ଥା ଦା
ଧା ନା ପା ଫା ବା ଭା ମା ଯା ର ଲା ଶା ଷା ସା ହା

ଖାଲ	ଗୁଡ	ଦୟା	ଦାତା	ରାଜା
ଗାଈ	ବଣ	ମାୟା	ମାତା	ଲଜା
ଦାନ	ବଳ	ସଭା	ନାଣା	ଭଷା
ଘାଟ	ନାସ	ଶାଖା	ଜ୍ଞାନ	ଅଣା
ରସନା	ଦେଶନା	ପାଷାଣ	ସମାନ	ଶାସନ
ବାସନା	ଘାଟନା	ସାହସ	ସକାଳ	କାରଣ
ଉପକାର	ଅଜ୍ଞାନ	ଐରାବତ	ରଘୁନାଥ	ନାରାୟଣ

ଯାଦବ ବସନ୍ତ । ମାଧବ ହସନ୍ତ । ଜାଣର ଖାର । ଜଗଷାର ଧାର ।
ପାହାଡ଼ର ଢଳ । ଚଲ ଝର ଜଳ । ଉମାଲାଳ ରାମ । ଉପାଲାଳ ଶାମ ।
ଗୃଷଜାର, ଧାନ କାଟ । ଗୃଳ ଖାଲ ଉଲ ବାଟ ।

The list has ଖି, ଯି, ନି
Examples have ଖି, ଯି, ନି

(୬) (5)

ବର୍ଣ୍ଣବୋଧ ।


ହ୍ରସ୍ୱ ଇକାର ଫଳା ।

କି ଖି ଙ୍କି । ଖି ଇ ଘି
ଗି ଘି ଚି ଛି ଜି ଝି ଟି ଠି ଡି ଢି ଣି ତି ଥି ଦି
ଧି ନି ପି ଫି ବି ଭି ମି ଯି ରି ଲି ଳି ଶି ଷି ସି ହି ।*

ବସ୍ତି	ରବି	ଗଛି	ହାତି	ମଣି
ନସ୍ତି	ଛବି	ମଧି	ଦଧି	ଖଣି
ହରି	ଶିବ	ଚିଲି	ଦଣ୍ଡି	ହରି
ପାଣି	ବଣି	ଶନି	ପତି	ଦରି
ଦବା	କଣି	ଋଷି	ଦଳି	ଲିପି

ଶିଶିର	ଦିବସ	ହରିଣ	ମଦନ	ବିଷମ
ଧରନି	କିରଣ	ବାଳିକା	ମହିଷ	କଠିନ
ବଗିର	ଧନୁର୍ଦ୍ଧ	କିଙ୍କିଣି	ମହିମା	କସ୍ତୁରି
ପଢିଣ୍ୟ	ପରିଚୟ	ଅଭିଲାଷ	ପରିହାସ	ଇତିହାସ

ହରିଣ ନ ଦିଏ ଧରା । ଦିଉଡ଼ି ନାହିଁ ବିଡ଼ି ଟିକି ।
ଛବି ବହି କିଣି ଅଣ । ଇଲିପାଣି କରି ପିନି ।



ଧରଣୀ ମହିଷୀ ରହିଛି ଅନାଇ ।
ମହିଷୀର ଦାଖ ନ ଯାଅ ଦେଖାଇ ।
ଗାଡ଼ି ପାହିଲଣି ନିବନ୍ଦ କିନ୍ତୁ ।
ଉଠ ନିଦ୍ରା, ମଠ ନ କର ଅଉ ।

---

* ଦି, ଥି, ଡି, ଧି, ବି, ରି ହି, ପ୍ରଭୃତି କ, ଖ, ଦ, ଝ, ଟ, ଢ, ଛ, ଏପରି ନିଧି ଲେଖାଯାଏ, ଶିକ୍ଷକ ମହାଶୟ ଛାତ୍ରମାନଙ୍କୁ ବୁଝାଇ ଦେବେ ।

ଦୀର୍ଘ ଈକାର ବନା ।


କୀ ଖୀ ଗୀ । ଘୀ ଙୀ ଚୀ
ଛୀ ଜୀ ଝୀ ଞୀ ଟୀ ଠୀ ଡୀ ଢୀ ଣୀ ତୀ ଥୀ ଦୀ
ଧୀ ନୀ ପୀ ଫୀ ବୀ ଭୀ ମୀ ଯୀ ରୀ ଲୀ ଶୀ ଷୀ ସୀ । ହୀ

ଗୀତ	ଖୀର	ଦୀନ	ବୀଣା	ଧୀମା	ଶୀତ
ଛୀଟ	ହୀନ	ବାଣୀ	ମାମୀ	ଧୀର	ପୀଠ
ଝୀନ	ବୀଜ	ସୀତା	ନୀର	ଝୀଟ	ମୀନ
ନୀଡ଼	ସୀମା	ଦୀପ	ନାରୀ	ପୀଡ଼ା	କାଣୀ
ନଦୀ	କାଜୀ	ଲୀଳା	ଫଣୀ	ଶ୍ରେଣୀ	କାଠି

ଶରୀର	ଧୀବର	ଶୀତଳ	ଜନନୀ	ରଜନୀ
ସମୀର	ନବୀନ	ଗଭୀର	ଭଗିନୀ	ଧରଣୀ
ଯାମିନୀ	ଅଧୀନ	ଜୀବନ	ରମଣୀ	ତରଣୀ
ଉପବୀତ	ଉପନୀତ	ମାନନୀୟ	ରମଣୀୟ	ବ୍ୟପନୀତ

ସମୀର ବହୁଇ ଧୀର । ଶୀତଳ ନଦୀର ନୀର । ବହଇ ନଦୀର ତୀର ।

ପାଇକ ସାଜିଲା,
କାହାଳୀ ବାଜିଲା,
ହାତୀ ଚାଲିଲା ଚଳି ।
ଥପ ଥପ ଭାଇ,
ଗୀତ ଗାଇ ଗାଇ,
ଯିବା ନଦୀର ବାଲି ।



ହ୍ରସ୍ୱ ଉକାର ବନା ।

କୁ ଖୁ ଗୁ । ଘୁ ଙୁ ଚୁ
ଛୁ ଜୁ ଝୁ ଞୁ ଟୁ ଠୁ ଡୁ ଢୁ ଣୁ ତୁ ଥୁ ଦୁ ଧୁ
ନୁ ପୁ ଫୁ ବୁ ଭୁ ମୁ ଯୁ ରୁ ଲୁ ଶୁ ଷୁ ସୁ ହୁ ।

ଘୀ, ଞ୍ଜୀ, ଞ୍ଜୀ, ଙୀ, ଙ୍ଗୀ, ଯୀ,
not used. (6)

ବର୍ଣ୍ଣବୋଧ ।

ମୁଖ	ରଘୁ	ଆୟୁ	ଗୁରୁ	ଗୁଣ
ଦୁଃଖ	ଲଘୁ	ବାୟୁ	ଭୀରୁ	ଶୁଣ
ଝରୁ	ଯଦୁ	[illegible]ୁ	ଋଜୁ	ଲୁଣ
ସରୁ	ମଧୁ	ଶିଶୁ	ଋତୁ	ଭୁତ
ପୁଅ	ସାଧୁ	ରୁଚି	ବହୁ	ଧନୁ
ସୁଅ	ବଧୂ	ଶୁଚି	ବାହୁ	ତନୁ
ମୁକ	ସୁଧା	ଶୁଭ	କୁଳ	ସୁନା
କୁକୁର	ବକୁଳ	ସୁବର୍ଣ୍ଣ	ଗୁଣୀଜନ	ମାଧୁରୀ
ଅସୁର	ମୁକୁଳ	ଧୁନ୍ଧୁଡ଼	କୁଳୀନ	ଚାତୁରୀ
ଚତୁର	କୁସୁମ	କୁଶଳ	ମଧୁର	ମୁରଲୀ
ଦୁର୍ଦ୍ଦିନ	ହୁତାଶନ	ସମୁଦାୟ	କରୁଣାମୟ	ପୁଲକିତ

not in 1901

ବଳୁଅ ବଡ ଚତୁର । ପଇଡ଼ ବଡ଼ ମଧୁର । ବଉଳ ଫୁଲର ବାସ ।
ଚହଠର ଚଉପାଣ । ସାପ ଲଗାଇ ଦଉ । ଦୁଇପଲ ଗାଈ ଦଉ ।

ଦୀର୍ଘ ଊକାର ବନା ।

ଊ ଉ ଙୂ । ଣ ଊ ଝୂ

କୂ ଖୂ ଗୂ ଛୂ ଜୂ ଝୂ ଟୂ ଠୂ ଡୂ ଢୂ ଣୂ ତୂ ଥୂ ଦୂ ଧୂ ନୂ
ପୂ ଫୂ ବୂ ଭୂ ମୂ ଯୂ ରୂ ଲୂ ଶୂ ଷୂ ସୂ ହୂ ।


କୂପ	ଦୂତ	ଧୂମ	ପୂଜା	ମୂଳ
ଯୂପ	ଭୂତ	ଭୂମି	ପୂର୍ଣ୍ଣା	ଶୂଳ
ଧୂପ	ଗୂଢ଼	ମୂର୍ଖ	ଯୂଥ	ପୂର
ତୂଳ	ମୂଢ଼	ଧୂଳି	ପୂଷ	ଦୂର
[illegible]	[illegible]	[illegible]	[illegible]	ନୂତନ
[illegible]	[illegible]	[illegible]	[illegible]	ମୟୂର

ଧୂଳି
ଧୂଳି
(1901.

ବର୍ଣ୍ଣବୋଧ ।

କାଳକୂଟ   ନିରୂପଣ   ଅପରୂପ   ଅନୁକୂଳ

ଆଇଲାଣି ବିଲେଇ । ମୂଷା ଯିବ ପଳାଇ ।



ମୟୂର ନାଚଇ । ସପୂର ପାଚଇ । କୂପଜଳ ଘୂର୍ଣ୍ଣାଜଳ ।

ଦୂରବାଟ । ନୂଆହାଟ । ନଦୀକୂଳ । ତରୁମୂଳ ।

ନୂତନ ବାଳକ ବାଳିକା । କୁମୁଦ କୁସୁମ ମାଳିକା ।

ଋକାର ଚିହ୍ନ ।

କ   ଋ   କୃ । ଖ   ଋ   ଖୃ

ଗୃ ଘୃ ଚୃ ଛୃ ଜୃ ଝୃ ଟୃ ଠୃ ଡୃ ଢୃ ତୃ ଥୃ ଦୃ

ନୃ ପୃ ଫୃ ବୃ ଭୃ ମୃ ଯୃ ଶୃ ଷୃ ସୃ ହୃ ।

not need

କୃଶ	ମୃଗ	ଗୃହ	ତୃଷା	କୃତି
ବୃଷ	ତୃଣ	ଘୃତ	ବୃଥା	କୃମି
ନୃପତି	ପୃଥିବୀ	ମୃଣାଳ	କୃଷକ	ଶୃଗାଳ
ଏଦୃଶ	କୀଦୃଶ	ସଦୃଶ	ଯାଦୃଶ	ତାଦୃଶ

ଧଳାବୃଷ ବୁଲୁଅଛି । କଳାଗାଈ ଜଳ ପିଉଅଛି ।

କୃଷକ ଘରଣୀ ଗୃହ ଲିପୁଅଛି । ଗାଈକୁ ତୃଣ ଦିଅ ।

କୃତିକାରୀ ହିତ-କରେ ପୃଥିବୀର । କୃଷିକର ପାଳେ ମାନବ ଶରୀର ।

ମୃଗ ତୃଣ ଖାଇ ବୁଲଇ ବନ । ବାଘ ବିନାଶଇ ତାର ଜୀବନ ।


ଏକାର ବନା ।

କ ଏ କେ । ଖ ଏ ଖେ

ଗେ ଘେ ଚେ ଛେ ଜେ ଝେ ଟେ ଠେ ଡେ ଢେ ଣେ ତେ ଥେ ଦେ
ଧେ ନେ ପେ ଫେ ବେ ଭେ ମେ ଯେ ରେ ଲେ ଶେ ଷେ ସେ ହେ ।

କେଶ	ମେଷ	ଲେଶ	ରେଣୁ	ସେବା
ବେଶ	ଶେଷ	ଦେଶ	ବେଣୁ	ସେନା
ମେଘ	ରେଖା	ବେଣୀ	ସେତୁ	ଧେନୁ
ଢେଙ୍କି	ଲେଖା	ଶ୍ରେଣୀ	ହେତୁ	ମେରୁ
ଅଦେଶ	ବଦେଶ	କେଶବ	କେଦାର	ଗଣେଶ
ଅଶେଷ	ବିଶେଷ	ଦେବକୀ	ନିଷେଧ	ସୁରେଶ

ଢେଙ୍କିକୁ ଅଟକି ଦେଖ । ମେଷକୁ ଅଟକି ରଖ । ଗାଧରେ ଲଗାଅ ଅଗ୍ନି । ଯାଜଙ୍କ ବେଲକୁ ରଖ । ନିଡଅଢେଲ ଲଗାଅ । କେଶବର ଲୁଗା ମଗାଅ । ଲେଖା ପଢ଼ାରେ ଦିଅ ମନ । ହେଲା ନ କର ଶିଶୁଗଣ । ଖେଲା କର ହେଲେ ପଢ଼ା ସାରି । ଦେଖିବ ଅସ ଶୁଅ ସାରି ।





ଐକାର ବନା ।

କ ଐ କୈ । ଖ ଐ ଖୈ

ଗୈ ଘୈ ଚୈ ଛୈ ଜୈ ଝୈ ଟୈ ଠୈ ଡୈ ଢୈ ଣୈ ତୈ ଥୈ ଦୈ
ଧୈ ନୈ ପୈ ଫୈ ବୈ ଭୈ ମୈ ଯୈ ରୈ ଲୈ ଶୈ ଷୈ ସୈ ହୈ । not used

ତୈଳ	ଦୈବ	ହୈମ	ବୈଧ
ଶୈଳ	ଶୈବ	ନୈଶ	ବୈର
ଶୈଶବ	ଦୈବତ	ବୈଶାଖ	ଶୈବାଳ
କୈଳାସ	ଦୈନିକ	ଭୈରବ	କୈରବ

ମଥାରେ ତୈଳ ଲଗାଅ । ଛେଳି ଶୈଳ ଉପରେ ଚରୁଅଛି । କୈଳାସର ଶୈଶବକାଳରେ, ତାହାର ପିତା ମରିଗଲେ । ଭୈରବ ଛତା ଧରିଅଛି । ବୈଶାଖ ମାସେ ବଡ଼ ଖରା । ଅତି ଚପଳ ହୁଏ ଧ୍ୱଂସ ।

ଓକାର ଫଳା ।

କ ଓ କୋ । ଖ ଓ ଖୋ

ଗୋ ଘୋ ଙୋ ଛୋ ଜୋ ଝୋ ଟୋ ଠୋ ଡୋ ଢୋ ଣୋ ତୋ
ଥୋ ଦୋ ଧୋ ନୋ ପୋ ଫୋ ବୋ ଭୋ ମୋ ଯୋ ରୋ ଲୋ
ଶୋ ଷୋ ସୋ ହୋ ।

ଲୋକ	ରୋଗ	ଦୋଷ	ଯୋଗ	ସୋମ
ଶୋକ	ଭୋଗ	ରୋଷ	ଘୋର	ହୋମ
ଲୋଚନ	କପୋତ	ଗୋକୁଳ	ଯୋଜକ	ଭୋଜନ
ମୋଚନ	କପୋଳ	ଗୋଧୂମ	ମୋଦକ	ରୋଦନ
ସହୋଦର	ପୁରୋହିତ	ପରିଶୋଧ	ପରିତୋଷ	

ଭୋଜନ କର । ରୋଦନ ନ କର । ଢୋଲ ବାଜଇ । ରାମ ମା କୋଳରେ ବସି ଝୁଲୁଅଛି । ରୋଷ ଛାଡ଼ । ମନକୁ ତୋଷ କର । ଗୋଲାପଫୁଲ ନିଅ । ଗୋପାଳ ସୁବୋଧ ବାଳକ ଅଟେ । ସେ ମନୋଯୋଗ ଦେଇ ପାଠ ପଢ଼େ ।

ଗୋରୁ ଖାଉଅଛି କୋମଳଘାସ । ଗୋପୀଜନେ ସ୍ତୁତି କରୁଛି କୃଷ୍ଣ ।
ମଧୁର ବନ୍ଧୁ ବଚନ । କହି ତୋଷିବ ଜନମନ ।

ଔ

ଔକାର ବନା ।

କ୍ ଔ କୌ । ଖ୍ ଔ ଖୌ

ଗୌ ଘୌ ଙୌ ଚୌ ଛୌ ଜୌ ଝୌ ଟୌ ଠୌ ଡୌ ଢୌ ଣୌ ତୌ
ଥୌ ଦୌ ଧୌ ନୌ ପୌ ଫୌ ବୌ ଭୌ ମୌ ଯୌ ରୌ ଲୌ
ଶୌ ଷୌ ସୌ ହୌ ।

not used

ପୌଷ	ସୌଧ	ଗୌର	ସୌର	ଲୌହ
ଶୌଚ	ଯୌଢ଼	ସୌଭ	ଗୌଣ୍ଡ	ନୌକା
ଗୌରବ	କୌତୁକ	ଯୌବନ	କୌଶଳ	କୌରବ
ସୌରଭ	ଯୌତୁକ	ପୌରୁଷ	କୌପୀନ	ପୌରବ

ଢୌଲ କର । ନୌକା ଧର । ଲୌହ ଗୋଟିଏ ଧାତୁ । ସେଥିରୁ ଛୁରୀ, କଟୁରି, ଦାଆ, କୋଡ଼ିଆଦି ହୋଇଅଛି । ନଅ ଗୌଣୀ ଧାନରୁ ଛଅ ଗୌଣୀ ଚାଉଳ ବାହାରିଲା । ଗୌଡ଼ ବାପଘରୁ ଅନେକ ଯୌତୁକ ଆଣିଅଛି । ପୌଷ ମାସରେ ବଡ଼ଶୀତ । ସକାଳ ଖୁଆ ବଡ଼ ହିତ ।

deleted

ବବଧ ପାଠ ।

ଶିଖା	ଘୃଣା	ସୀମା	ରାଣୀ	କାଶୀ
ଶୋଭା	କୃପା	ସ୍ନାନ	ଯୂଥ	ମୂର୍ଖ
କୋକିଳ	ଷୋଡ଼ଶ	ମୋହନୀ	ଏକାକୀ	ପିପାସା
ଅକ୍ଷୟ	ସୋପାନ	ଦୟାଳୁ	ମେଧାବୀ	ନିଷେଧ


ବର ଗଛ	ମହୁମାଛି	ଫଳ ବୃକ୍ଷ	ଅଗ୍ରହାୟଣ ମାସ
ଧଳା ଗାଈ	ଯୂଇ ଫୁଲ	କଳା ମେଘ	କୈଳାସ ଗିରି
ହରଣ ପଲ	ନଦୀ କୂଳ	ମିଠା ବେଲ	କାଉ କୋଇଲି
ବୁଢ଼ା ମାଙ୍କଡ଼	ଗଛ ମୂଳ	ପୋଖରୀ ତେଲ	ବଡ଼ କୌତୁକ

ସକାଳ ହେଲାଣି । ଉଠ, ମୁହଁ ଧୁଅ । ଶୀତଳ ପବନ ବହୁଅଛି । ବାହାରେ ଟିକିଏ ବୁଲି ଆସ । ବଗିଚାରେ କେତେ ଫୁଲ ଫୁଟିଅଛି ।

ଅହ୍ୱା ଫୁଲ ଉପର ବାସୁଅଛି । କାଉ କୋବା'ଉ ଅଛୁ । ଚଢ଼େଇମାନ ଏଠାରୁ ଉଡ଼ି ସେଠାରେ ବସୁଅଛି । ଜଙ୍ଗଲପାଖ ଗଛ ଉପରେ ବସି ରବୁଅଛି । କୋଇଲି କୁ କୁ ଡାକୁଅଛି । ଅସ, ପୋଥି ନେଇ ପାଠ-ଶାଳାକୁ ଯିବା । ସେଠାରେ ମନ ଦେଇ ପାଠ ପଢ଼ିବା, ଗୁରୁ ଯାହା କହିବେ ତାହା ମନଦେଇ ଶୁଣିବା ।

ବେଳ ବୁଡ଼ିଲାଣି । ଗୁରୁ ମେଲାଣି ଦେଲେଣି । ଘରକୁ ଯିବା । ଘରେ ପୋଥି ଥୋଇ ଦେଇ ମା ଯାହା ଖାଇବାକୁ ଦେବେ ତାହା ଖାଇବା । ଖାଇ ସାରି ଲୁଚକାଳି ଖେଳିବା । ଖେଳ ସାରିଲେ ବାପା ଯାହା କହିବେ ତାହା କରିବ । ଦିନବେଳେ ଯାହା ପଢ଼ିଥିବା, ରାତିରେ ତାହାକୁ ଆଉ ଥରେ ପଢ଼ିବା । ପଢ଼ିସାରି ଭାତ ଖାଇ ଶୋଇବା । ରେଙ୍ଗାର ଘଣ୍ଟେ ଢୋଲ ବାଜୁଅଛି । ଗୌଣ୍ଡ ପୋଥି ପଢ଼ୁଅଛି ।

ଗାଈ ବାଛୁରି ଅସ ଅସ, ଖାଇବ ପଚ୍ଚ ଦୁବ ଘାସ ।
ମୋହ ପାଖରେ ଦୁଧ ଛଡ଼ା, ଖାଇବ ଯେବେ ଘାସ ବଡ଼ା ।



ଆରେ ମୋର ପୁଷି, ଖାରେ ଯେତେ ଖୁସି । ଦୁଧଭାତ ମିଠା, ଖାଇବୁ ଘିପିଠା । ମୋ ପାଖରେ ବସି, ଖାରେ ମୋର ପୁଷି ।

---

(୦) ଅନୁସ୍ୱାର ଯୋଗ ।

ଅ	୦	ଅଂ		କ	୦	କଂ
ମା	୦	ମାଂ		ସି	୦	ସିଂ


ଅଂଶ ହଂସ ସିଂହ ହଂସୀ ବଂଶୀ

ବଂଶ କଂସ ମାଂସ ଅଂଶୁ ଅଂଶୀ

ବଂଶଧ ସଂସାର ସଂଶୟ ମୀମାଂସା

କିଂଶୁକ ସଂଯୋଗ ସଂବାଦ ଦଂଶନ

ସିଂହ ପଶୁରାଜ ଅଟେ । ହଂସ ଜଳରେ ସଂଚରଣ କରେ । ଜୀବ-ହଂସା ନ କର । ସିଂହ ବୁଲନ୍ତି ଘୋରବନେ [illegible]ନ ଶଇ ବହୁ ସାବଧାନେ । ବଂଶୀ ବାଜୁଛି ନଦୀତୀରେ । ହଂସ ଖେଳୁଛି ନଦୀନୀରେ ।



(୧) ବିସର୍ଗ ଯୋଗ ।

ଅ	ଃ	ଅଃ		ଦ	ଃ	ଦଃ
ନ	ଃ	ନଃ		ଦୁ	ଃ	ଦୁଃ

ଦୁଃଖ	ଦୁଃଖିତ	ଦୁଃସମୟ	ନିଃସଂଶୟ
ଦୁଃଖୀ	ନିଃଶେଷ	ଦୁଃସାହସ	ନିଃସହାୟ

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ, ଲାଗିଛି ସଦା ସଂସାରେ ।

(ँ) ଚନ୍ଦ୍ରବିନ୍ଦୁ ଯୋଗ ।

ଅ	ଅଁ	ଗା	ଗାଁ
କ	କଁ	ବା	ବାଁ

ପାଉଁଶ	ଚଅଁର	କାହିଁ	କାଅଁଳା
ଭଉଁରୀ	ଚଉଁରୀ	ନାହିଁ	ଯାଅଁଳା

ଅଁଳାଫଳ କଷା ଲାଗେ । ପାଉଁଶ ତଳେ ନିଆଁ ଅଛି ।
ଲବ କୁଶ ଦୁହେଁ ଯାଅଁଳା ଭାଇ । ସାନ ବଡ ବାରି ହୁଅଇ ନାହିଁ ।
ଚକା ଚକା ଭଉଁରୀ । ମାମୁ ଘର ଚଉଁରୀ ।

ହଳନ୍ତ (୍)

କ୍ ଖ୍ ଗ୍ ଘ୍ ଚ୍ ଛ୍ ଜ୍ ଇତ୍ୟାଦି


ସତ୍	ଅସତ୍	ଜଗତ୍	ହଠାତ୍	ଝକ୍‌ଝକ୍
ଚତ୍	ଉଚିତ୍	ଶରତ୍	ଅଚିରାତ୍	ଧକ୍‌ଧକ୍
	ଚିତ୍କାର	ଚମତ୍କାର	ଫୁତ୍କାର	

ନୁନ୍‌ରେ ହାଣ୍ଡି ନୁଲ୍ । ବା ପାଣି ଖାଇ ନୁଲ୍ । ବା ପାଣି ଖାଇ ଫୁଲ୍ ।

ମୋର ଦୁଇ ଆଖି, ଦୁଇ କାନ, ଦୁଇ ହାତ, ଦୁଇ ଗୋଡ଼ । ଆଖି ନ ଥିଲେ କିଛି ଦିଶେ ନାହିଁ । କାନ ନ ଥିଲେ କିଛି ଶୁଭେ ନାହିଁ । ହାତ ନ ଥିଲେ କିଛି କାମ କରି ହୁଏ ନାହିଁ । ଗୋଡ଼ ନ ଥିଲେ ଚାଲି ହୁଏ ନାହିଁ । ମୁଁ ଜିଭରେ କଥା କହେ ଓ ଯାହା ଖାଏ ତାହା ମିଠା, କି ଖଟା, କି ପିତା, କି କଷା ଜାଣିପାରେ ।

ମୁଁ ଡାହାଣ ହାତରେ ପୋଥି ଧରିଅଛି । ବାଁ ହାତରେ ଛତା ଧରିଅଛି । ମୋ ମଥାରେ କଳା କେଶ । ଅଜ ମଥାରେ ଧଳା କେଶ । ମୋ ନାକର ଦୁଇଟି ପୁଡ଼ା । ନାକପୁଡ଼ା ବାଟେ ପବନ ଯା ଆସ କରୁଛି । ମୋ ପିଠିରେ ଗୋଟିଏ ଘା ହୋଇଥିଲା, ଶୁଖି ଗଲାଣି ।

ଭୁ, ଭୁ, ଭୁ, ଡାକଇ ମୁହିଁ,
ଦଉଡ଼ ଆସିଲୁ କୁକୁର ତୁହି ।
ଅଉଁଷି ଦେବରେ ଦେହ ତୋହର,
ଖାଇବାକୁ ନେବ ବଢ଼ ମୋହର ।
ମୋ କଥା ମାନିବୁ ଜାଣଇ ମୁହିଁ,
ଯେଣେ ଯିବ ମୁହିଁ, ଯିବୁରେ ତୁହି ।



ଜାଇ ଜୁଇ ମଲ୍ଲୀ ମାଧବୀ ମାଳତୀ, ଗୋଲାପ ନଅଳୀ କେତକୀ ସେବତୀ ।
ନାନାଜାତି ଫୁଲ ଦେବ ତୋତେ ଆଣି, ଦେଖିଣ ହସିବୁ ଅରେ ଧନମଣି ।

ଯ ଫଳା । (ଯ—୍ୟ)

କ ଯ କ୍ୟ । ଖ ଯ ଖ୍ୟ

ଗ୍ୟ ଘ୍ୟ ଚ୍ୟ ଛ୍ୟ ଜ୍ୟ ଝ୍ୟ ଟ୍ୟ ଠ୍ୟ ଡ୍ୟ ଢ୍ୟ ଣ୍ୟ ତ୍ୟ ଥ୍ୟ ଦ୍ୟ ଧ୍ୟ ନ୍ୟ
ପ୍ୟ ଫ୍ୟ ବ୍ୟ ଭ୍ୟ ମ୍ୟ ଯ୍ୟ ଲ୍ୟ ଶ୍ୟ ଷ୍ୟ ସ୍ୟ ହ୍ୟ ।

ଐକ୍ୟ	ବିଦ୍ୟା	ବୈଦ୍ୟ	ହବ୍ୟ	ମୁଖ୍ୟ
ସାଧ୍ୟ	ମୂଲ୍ୟ	ଶଯ୍ୟା	ବ୍ୟାଘ୍ର	ନିତ୍ୟ
ତୁଲ୍ୟ	ରାଜ୍ୟ	ଯୋଗ୍ୟ	ସତ୍ୟ	ଶୂନ୍ୟ

ବର୍ଣ୍ଣବୋଧ ।

ମୂଲ୍ୟ	ନ୍ୟାଯ୍ୟ	ଛଟ୍ୟ	ସହ୍ୟ	ଶ୍ୟାମ
ନସ୍ୟ	ଦବ୍ୟ	ଶିଷ୍ୟ	ବୈଶ୍ୟ	ହାସ୍ୟ
ଅବଶ୍ୟ	ଆଲସ୍ୟ	ଔଦାସ୍ୟ	ମନୁଷ୍ୟ	ଅଭ୍ୟାସ
ସାହାଯ୍ୟ	ଅସଂଖ୍ୟ	ବୈଷମ୍ୟ	ସାମାନ୍ୟ	ସୌଜନ୍ୟ
ଜ୍ୟୋତିଷ.	ବ୍ୟବସାୟ	ଅଧ୍ୟବସାୟ	ଅବଶ୍ୟକ	ବିଦ୍ୟାଳୟ

କୁବାକ୍ୟ କେବେ ନ କହିବ, ଆଲସ୍ୟ କେବେ ନ କରିବ ।
ବାଲ୍ୟକାଳରେ ଦେଇ ମନ, ବିଦ୍ୟା ଶିଖିବ ଶିଷ୍ୟଗଣ ।
ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ ।

ର ଫଳା । (ର— ୍ର)

ୱ ର କ୍ର ଝ । ଶ ଋ ଝ୍ର

ଗ୍ର ଘ୍ର ଚ୍ର କ୍ଷ୍ର ଜ୍ର ଝ୍ର ଟ୍ର ଠ୍ର ଡ୍ର ଢ୍ର ତ୍ର ଥ୍ର ଦ୍ର ଧ୍ର ନ୍ର ପ୍ର ଫ୍ର ବ୍ର ଭ୍ର
ମ୍ର ଯ୍ର ଶ୍ର ଷ୍ର ସ୍ର ହ୍ର ।

ଚକ୍ର	ବକ୍ର	ରୌଦ୍ର	ଭ୍ରାତା	ଗୃଧ୍ର	ଛତ୍ର	
ନିଦ୍ରା	ଶୁଭ୍ର	ଶକ୍ର	ପ୍ରିୟ	ଗ୍ରାମ	କ୍ରୀଡା	
ହ୍ରଦ	ମିତ୍ର	ଶାସ୍ତ୍ର	ବସ୍ତ୍ର	ହ୍ରାସ	ପ୍ରାଣ	
ଶ୍ରୁତି	ସ୍ରାବ	ମିଶ୍ର	ଶ୍ରେୟ	ପ୍ରୌଢ	ମୁଦ୍ରା	
ଶ୍ରମ	ଦ୍ରୁମ	ନକ୍ର	ଭ୍ରମ	ତାମ୍ର	ବ୍ରଣ	
ଗ୍ରହଣ	ସମ୍ରାଟ	ଶ୍ରୀମାନ୍	ସମୁଦ୍ର	ପ୍ରେରଣ	ଶ୍ରେଣୀ	
ପ୍ରକୃତି	ଶ୍ରବଣ ✓	ସାମ୍ରାଜ୍ୟ	ଉପଦ୍ରବ	ପ୍ରବେଶ	ପ୍ରମାଣ	
ଆଶ୍ରମ	ଅନିଦ୍ରା	ସହସ୍ର	ପ୍ରକାଶ ✓	ବିଶ୍ରାମ	ଭ୍ରମ	
ଦରିଦ୍ରା	ପ୍ରଶଂସା	କୃତ୍ରିମ	ଶ୍ରାବଣ	ପତ୍ର		

ସମୁଦ୍ରର ଜଳ ଲୁଣିଆ । ବ୍ୟାଘ୍ର ବଡ ଭୟାନକ ଓ ହିଂସ୍ର ପଶୁ ଅଟେ ।

ପରିଶ୍ରମ କର ପ୍ରତିଦିବସ ; କଦାଚ ନ ହୁଅ ଆଲସ୍ୟବଶ ।

deleted from 1901 ed



ସହସ୍ର ସହସ୍ର ଗ୍ରାମ, ନଦୀର କୂଳରେ । ନଦୀସ୍ରୋତ ନିଏଯାଏ ସମୁଦ୍ରଜଳରେ । ପ୍ରଜାପତି ହରଷରେ, ବସିଛି ଫୁଲର ଉପରେ ।

ଲ ଫଳା । (ଳ—୍ଳ)

କ ଲ କ୍ଲ । ଖ ଳ ଖ୍ଳ

ଗ୍ଲ ଦ୍ଲ ପ୍ଲ ଫ୍ଲ ବ୍ଲ ମ୍ଲ ଶ୍ଲ ସ୍ଲ ଲ୍ଲ ହ୍ଲ ।

କ୍ଲେଶ	ଅମ୍ଲ	କ୍ଲୀବ	ପଲ୍ଲବ	ଶୁକ୍ଲ
ମ୍ଲାନ	ଶ୍ଲୋକ	ଗ୍ଲାନି	ବଲ୍ଲଭ	ଶ୍ଲେଷ
ଉଲ୍ଲାସ	କଲ୍ଲୋଳ	ପ୍ଲାବନ	ଶ୍ଲାଘା	ଅଶ୍ଳୀଳ



ବ୍ୟାଘ୍ରଠାରୁ ଭଲ୍ଲୁକ ଅଧିକ ହିଂସ୍ର ଅଟେ । ଭଲ୍ଲୁକ ଅରଣ୍ୟରେ ଥାଏ ।

ଯାହାଙ୍କୁ କ୍ଲେଶ ନ ଦିଅ କେବେ,
ସଂସାରେ ପ୍ରଶଂସା ଲଭିବ ସେବେ ।
ପ୍ରହ୍ଲାଦ ଆହ୍ଲାଦେ ଗାଉଛି ଗୀତ,
ମୁଁ ଗାଇବ ମିଶି ତାହା ସହିତ ।

ବର୍ଣ୍ଣବୋଧ ।

ବ ଫଳା । (ବ—୍ୱ)

କ ବ କ୍ୱ । ଖ ବ ଖ୍ୱ

ଗ୍ୱ ଘ୍ୱ ଚ୍ୱ ଜ୍ୱ ଝ୍ୱ ଟ୍ୱ ଠ୍ୱ ଡ୍ୱ ଢ୍ୱ ତ୍ୱ ଥ୍ୱ ଦ୍ୱ ଧ୍ୱ ନ୍ୱ ପ୍ୱ ଫ୍ୱ ବ୍ୱ ଭ୍ୱ ମ୍ୱ ଯ୍ୱ ଲ୍ୱ ଶ୍ୱ ଷ୍ୱ ସ୍ୱ ହ୍ୱ ।

ଜ୍ୱର	ଶ୍ୱେତ	ଧ୍ୱଜ	ପକ୍ୱ	ସ୍ୱାମୀ
ଜ୍ୱାଳା	ବିଶ୍ୱ	ଧ୍ୱଂସ	ବିଲ୍ୱ	ସ୍ୱାଦ
ଦ୍ୱିଜ	ଦ୍ୱେଷ	ସାଧ୍ୱୀ	ଦ୍ୱୀପ	ପୃଥ୍ୱୀ
ଜିହ୍ୱା	ଶ୍ୱାସ	ସ୍ୱର	ତତ୍ତ୍ୱ	ବିମ୍ୱ
ସ୍ୱଭାବ	ଉଦ୍ୱେଗ	ଈଶ୍ୱର	ନିଃଶ୍ୱାସ	ସମ୍ୱଳ
ଗହ୍ୱର	ବିହ୍ୱଳ	ଷଜଦ୍ୱ	ଅନ୍ୱେନ	ପଲ୍ୱଳ
ଆହ୍ୱାନ	ତେଜସ୍ୱୀ	ତପସ୍ୱୀ	ଦ୍ୱନ୍ଦ୍ୱ	ଅନ୍ୱେଷଣ

ଜଣେ ଲୋକ ଗୋଟିଏ ଅଶ୍ୱକୁ ଧରିଅଛି । ଅଶ୍ୱ ଚଢ଼ିବାକୁ ଶିଖ ।
ଦ୍ୱାର ଦ୍ୱାର ବୁଲି ମାଗଇ ଦୁଃଖୀ, ଭିକ ପାଇଲେ ସେ ହୁଅଇ ସୁଖୀ ।
ଅମ୍ୱ ବଉଳଇ ଫଗୁଣ ମାସେ, ଦଶ ଦିଗରେ ତାର ସୁବାସେ ।


ନ ଫଳା । (ନ—୍ନ)

କ ନ କ୍ନ । ଖ ନ ଖ୍ନ

ଗ୍ନ ଘ୍ନ ତ୍ନ (ହ୍ନ) ନ୍ନ ପ୍ନ ମ୍ନ ଯ୍ନ ଶ୍ନ ସ୍ନ ହ୍ନ ।

ଅଗ୍ନି	ଯତ୍ନ	ସ୍ୱପ୍ନ	ସ୍ନେହ	ଅବସନ୍ନ
ବିଘ୍ନ	ରତ୍ନ	ପ୍ରଶ୍ନ	ସ୍ନାୟୁ	ସନ୍ନିଧାନ
ଲଗ୍ନ	ଚିହ୍ନ	ନିମ୍ନ	ପନ୍ନଗ	ଜଗନ୍ନାଥ
ମଗ୍ନ	ଭିନ୍ନ	ଛିନ୍ନ	ମଧ୍ୟାହ୍ନ	ପ୍ରାତଃସ୍ନାନ
ଭଗ୍ନ	ଅନ୍ନ	ବହ୍ନି	ଆହ୍ନିକ	ସନ୍ନିବେଶ

ପ୍ରସନ୍ନର ମୁଦିରେ ବହୁମୂଲ୍ୟ ରତ୍ନ ଅଛି । ମୁଁ ଗୋଟିଏ ସ୍ୱପ୍ନ [redacted]
ରତ୍ନାକର ମଧ୍ୟାହ୍ନକାଳରେ ସ୍ନାନ କଲା । ଅନ୍ନ ଭୋଜନ କର ।



ଯତ୍ନ କଲେ ରତ୍ନ ମିଳେ ଏ ସାର ବଚନ ।
ମନେ ରଖିଥିବ ସଦା ଅହେ ଶିଶୁଗଣ ।

ଅରେ ଜହ୍ନମାମୁ ଶରଦଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି ।

ମ ଫଳା (ମ୍—)

କ ମ କ୍ମ । ଖ ମ ଖ୍ମ

ଗ୍ମ ଘ୍ମ ଙ୍ମ ଟ୍ମ ଣ୍ମ ତ୍ମ (ତ୍ମ) ଦ୍ମ ଧ୍ମ ନ୍ମ ମ୍ମ ଶ୍ମ ଷ୍ମ ସ୍ମ ହ୍ମ ।

ପଦ୍ମ	ଜନ୍ମ	ବ୍ରହ୍ମ	ସ୍ମରଣ	ସମ୍ମାନ
ଛଦ୍ମ	ଗୁଲ୍ମ	ଭସ୍ମ	ବ୍ରାହ୍ମଣ	ସମ୍ମତ
ସଦ୍ମ	ରୁଗ୍ମ	ଆତ୍ମା	ଶ୍ମଶାନ	ବଲ୍ମୀକ
ସୂକ୍ଷ୍ମ	ଉଷ୍ମ	ଶ୍ମଶ୍ରୁ	ଶାଲ୍ମଳୀ	ଉନ୍ମାଦ
ମୃଣ୍ମୟ	ପଦ୍ମା	ପରାଙ୍ମୁଖ	ଅକସ୍ମାତ୍	ହିରଣ୍ମୟ

ଗ୍ରୀଷ୍ମକାଳରେ ଅନେକ ଫୁଲ ଫୁଟେ । ସମ୍ମୁଖରେ ଗୋଲାପକଢ଼ି ଦେଖ୍, ଫୁଟୁ ଦୋଡେ ଗୋଟିଏ, ପଦ୍ମାକୁ ଗୋଟିଏ ଦେବ ।

ଫୁଟିଅଛି ପଦ୍ମଫୁଲ ସରୋବର ଜଳେ
ଆସ ହେ ତୋଳିବା ପଦ୍ମ ଆସ ହେ ସକଳେ ।

ରେଫ ଯୋଗ । (ରେଫ—ର୍)

କ ର୍ ରେଫ ର୍କ । ଖ ର୍ ରେଫ ର୍ଖ

ର୍ଗ ର୍ଘ ର୍ଚ ର୍ଛ ର୍ଜ ର୍ଝ ର୍ଠ ର୍ଣ ର୍ତ ର୍ଥ ର୍ଦ ର୍ଧ ର୍ପ ର୍ଫ ର୍ବ ର୍ଭ ର୍ମ ର୍ଶ ର୍ଷ ର୍ସ ର୍ହ ।

ଦର୍ପ	ମୂର୍ଖ	ଦୀର୍ଘ	କର୍ଣ୍ଣ	ଅର୍ଘ୍ୟ
ଗର୍ବ	ତର୍କ	ଅର୍ଦ୍ଧ	ବର୍ଣ୍ଣ	ବ୍ୟର୍ଥ

ବର୍ଣ୍ଣବୋଧ ।

ଦର୍ପ	ବର୍ମ	କର୍ମ	ଅର୍ଦ୍ଧ	ହର୍ଷ
ସର୍ପ	ଧର୍ମ	ଘର୍ମ	ବର୍ଦ୍ଧ	ବର୍ଷ
କର୍କଶ	ବିସର୍ଗ	ଦୁର୍ଜ୍ଜନ	ନିର୍ଝର	ନିର୍ଭର
ଶର୍କରା	ଦୁର୍ଗନ୍ଧ	ବର୍ଜ୍ଜନ	ନିର୍ବୋଧ	ସମର୍ଥ
ବାର୍ଷିକ	ଦୁର୍ବଳ	ନିର୍ଧନ	ଆଦର୍ଶ	ବିମର୍ଷ
କର୍ପୂର	ଦୁର୍ଗମ	ନିର୍ଦ୍ଦୋଷ	ନିର୍ମାଣ	ପରାମର୍ଶ

ନିର୍ଦ୍ଦୟ କର୍କଶ କଥା ମୁଖେ ନ କହିବ
ମଧୁର ବଚନ କହି ସକଳେ ତୋଷିବ ।

ପର୍ବତ ଦେହରୁ ବର୍ଷା କାଳରେ । ବହିଲ ନିର୍ଝର ଧାର ଝର୍ଝରେ ।
ଡାମର କାଉରେ ଡାମର କାଉ । ପର୍ବତେ ପର୍ବତେ ବୋବାଉ ଥାଉ ।

ଙ କ ଙ୍କ ପଙ୍କ, ଶଙ୍କ, ଅଙ୍କୁର, ସଙ୍କେତ ।
ଙ ଖ ଙ୍ଖ ଶଙ୍ଖ, ଶୃଙ୍ଖଳା ।
ଙ ଗ ଙ୍ଗ ସଙ୍ଗ, ସଙ୍ଗୀତ, ଅଙ୍ଗୁଳି ।
ଙ ଘ ଙ୍ଘ ଜଙ୍ଘା, ଲଙ୍ଘନ ॥

ପଙ୍କଜ ଶଙ୍ଖ ବଜାଇଣ, ରଙ୍ଗେ ଲଙ୍ଘିଲ ଘୋରବନ ।

ଞ ଚ ଞ୍ଚ ଚଞ୍ଚଳ, କାଞ୍ଚନ, ସଞ୍ଚୟ ।
ଞ ଛ ଞ୍ଛ ବାଞ୍ଛା, ଲାଞ୍ଛନା ।
ଞ ଜ ଞ୍ଜ ଅଞ୍ଜଳି, ପଞ୍ଜିକା, ଖଞ୍ଜ, ଗଞ୍ଜନା ।
ଞ ଝ ଞ୍ଝ ଝଞ୍ଝା, ପଞ୍ଝା ।

ପାଞ୍ଜି ଉପରେ ଦୁଆଣି ରଖ, କାଗଜ ଧରି ସଙ୍ଗୀତ ଲେଖ ।
ପଞ୍ଚାଏ ଖଞ୍ଜ ବସି ବସି, କଥା କହନ୍ତି ହସି ହସି ।
କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇ ପ୍ରଭୁ କୃପା ତୋର ।

ଣ ଟ ଣ୍ଟ କଣ୍ଟକ, ଘଣ୍ଟା ।
ଣ ଠ ଣ୍ଠ କଣ୍ଠ, ଉତ୍କଣ୍ଠା, କୁଣ୍ଠିତ ।

ଣ ଡ ଣ୍ଡ କୁଣ୍ଡ, ମୁଣ୍ଡ, [illegible], ପଣ୍ଡିତ, ଗଣ୍ଡୂଷ ।

ଣ ଢ ଣ୍ଢ ଷଣ୍ଢ, ମେଣ୍ଢା ।

ଘଣ୍ଟି ବାଜଇ ଠନ୍ ଠନ୍ । ଘଣ୍ଟା ବାଜଇ ଢଂ ଢଂ ।

ମେଣ୍ଢା ମୁଣ୍ଡଟି ବଡ଼ ଟାଣ । ଢ଼ି ମୁଣ୍ଡିଆକୁ ସାବଧାନ ।

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ମାଧବ ବସିଛୁ ଯାଇ ।

ମାଢ଼ାଙ୍କ ଅଡ଼କୁ ଅନାଇ ଅନାଇ ମାଟି ଦେଉଅଛୁ ଖାଇ ।

ନ ତ ନ୍ତ ଦାନ୍ତ, ଚିନ୍ତା, ସନ୍ତୋଷ, ଶାନ୍ତ । ଠି

ନ ଥ ନ୍ଥ କନ୍ଥା, ମନ୍ଥନ, ହେମନ୍ଥ ।

ନ ଦ ନ୍ଦ ଆନନ୍ଦ, ମନ୍ଦର, ସିନ୍ଦୂର, ସନ୍ଦେହ ।

ନ ଧ ନ୍ଧ ଅନ୍ଧ, ସନ୍ଧି, ସନ୍ଧ୍ୟା, ବନ୍ଧୁ, ବନ୍ଧୁକ ।

ଧନ୍ୟ ମନେ ସଦା ବାସ କରେ, ଶାନ୍ତି ସନ୍ତୋଷ ଆନନ୍ଦରେ ।

ଦରିଦ୍ର ପିନ୍ଧେ ଛିଣ୍ଡା କନ୍ଥା, ଅନ୍ଧକୁ ନ ଦଶଇ ପନ୍ଥା ।

ମ ପ ମ୍ପ ସମ୍ପଦ, ସମ୍ପନ୍ନ, ସମ୍ପାଦନ, କମ୍ପିତ ।

ମ ଫ ମ୍ଫ ଲମ୍ଫ, ଗୁମ୍ଫା, ବାମ୍ଫୀ ।

ମ ବ ମ୍ବ ସମ୍ବଲ, ସମ୍ବାଦ, ସମ୍ବୋଧନ, କମ୍ବୁ, ଅମ୍ବୁ ।

ମ ଭ ମ୍ଭ ରମ୍ଭା, ଗମ୍ଭୀର, ସମ୍ଭୋଗ, କୁମ୍ଭୀର ।

ଗୁମ୍ଫାଟି ଅଛି ସୁନିର୍ମଳ । ବାମ୍ଫୀର ଜଳ ସୁଶୀତଳ ।

ସମ୍ପଦକାଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା ।

କୁମ୍ଭୀର ବଡ଼ ଭୟଙ୍କର, ନାଶଇ କେତେ ନାରୀ ନର ।

କ କ କ୍କ ଚିକ୍କଣ, ଧିକ୍କାର, କୁକ୍କୁଟ, କୁକ୍କୁର ।

କ ତ କ୍ତ ରକ୍ତ, ଶକ୍ତି, ଭକ୍ତି, ବିରକ୍ତ ।

କ ଷ କ୍ଷ ପକ୍ଷ ଲକ୍ଷ, ଲକ୍ଷଣ ରକ୍ଷା, ଦକ୍ଷିଣ, ପରୀକ୍ଷା, କ୍ଷେତ୍ର ।

ଗ ଦ ଗ୍ଦ ବାଗ୍ଦାନ, ବାଗ୍ଦେବୀ ।

ଗ ଧ ଗ୍ଧ ଦୁଗ୍ଧ, ମୁଗ୍ଧ, ସ୍ନିଗ୍ଧ ।

କୁକ୍କୁଟ ମୁଣ୍ଡେ ଅଛି ଚୂଳ । ମାଟି ଉପରେ ବୃକ୍ଷ ମୂଳ ।
ସାଧୁର ଲକ୍ଷଣ ଈଶ୍ୱର ଭକ୍ତି, ଦୁଗ୍ଧ ପାନ କଲେ ବଢଇ ଶକ୍ତି । କ୍ତି

ଚ ଚ ଚ୍ଚ ଉଚ୍ଚ, ଉଚ୍ଚାରଣ, ଉଚ୍ଚୈଃ ।

ଚ ଛ ଚ୍ଛ ଗୁଚ୍ଛ, ତୁଚ୍ଛ, ଆଚ୍ଛାଦନ, ବିଚ୍ଛେଦ, ସ୍ୱଚ୍ଛ, କଚ୍ଛପ ।

ଚ ଞ ଚ୍ଞ ଯାଚ୍ଞା ।

ଜ ଜ ଜ୍ଜ କଜ୍ଜଳ, ମଜ୍ଜନ, ସଜ୍ଜନ, ଲଜ୍ଜା, ସଜ୍ଜା, ଲଜ୍ଜିତ ।

ଜ ଝ ଜ୍ଝ କୁଜ୍ଝଟୀ, କୁଜ୍ଝଟିକା ।

ଜ ଞ ଜ୍ଞ ବିଜ୍ଞ, ଆଜ୍ଞା, ଯଜ୍ଞ, ଜ୍ଞାନ ।


ଜ୍ଞାନୀ ସଜ୍ଜନ ସଙ୍ଗ ଧର, ମନ ନିର୍ମଳ ସ୍ୱଚ୍ଛ କର ;
ପ୍ରଭୁଙ୍କ ନାମ ଉଚ୍ଚାରଣ, କର ହେ ନରନାରୀଗଣ ।

ଟ ଟ ଟ୍ଟ ଅଟ୍ଟହାସ, ଅଟ୍ଟାଳିକା ।

ଡ ଗ ଡ୍ଗ ଖଡ୍ଗ ।

ଡ ଡ ଡ୍ଡ ଉଡ୍ଡୀନ, ଉଡ୍ଡୀୟମାନ ।

ବିବିଧ ରଙ୍ଗର ପତାକାମାନ, ଅଟ୍ଟାଳିକା ଶିରେ ଉଡ୍ଡୀୟମାନ ।
ଖଡ୍ଗ ଅବା ଖଣ୍ଡା ଧରି ଗଲେ ଖଣ୍ଡାଇତ,
ଖଡ୍ଗଯୋଗୁଁ ଖଡ୍ଗୀବୋଲି ଗଣ୍ଡାର ବିଦିତ ।



ତ କ ତ୍କ ଉତ୍କଳ, ଉତ୍କଣ୍ଠା, ବଳାତ୍କାର, ଉତ୍କୃଷ୍ଟ ।

ତ ତ ତ୍ତ ଉତ୍ତମ, ଉତ୍ତର, ଉତ୍ତାପ, ମତ୍ତ ।

ତ ଥ ତ୍ଥ ଉତ୍ଥାନ, ଉତ୍ଥାପନ ।

ତ ପ ତ୍ପ ଉତ୍ପଳ, ଉତ୍ପାତ, ଉତ୍ପନ୍ନ ।

ତ ସ ତ୍ସ ବତ୍ସ, ବତ୍ସର, ସମ୍ବତ୍ସର ।

ଦ ଗ ଦ୍ଗ ମୁଦ୍ଗର, ଉଦ୍ଗାର ।

ଦ ଘ ଦ୍ଘ ଉଦ୍ଘାଟନ ।

ଦ ଦ ଦ୍ଦ ଉଦ୍ଦୀପନ, ଉଦ୍ଦେଶ, ଉଦ୍ଦେଶ୍ୟ ।

ଦ ଧ ଦ୍ଧ ଯୁଦ୍ଧ, ବୁଦ୍ଧ, ଶୁଦ୍ଧ, ବୃଦ୍ଧି, ସିଦ୍ଧି, ଉଦ୍ଧାର ।

ଦ ବ ଦ୍ବ ଉଦ୍ବାହ, ବୁଦ୍ବୁଦ ।

ଦ ଭ ଦ୍ଭ ଅଦ୍ଭୁତ, ଉଦ୍ଭିଦ, ସଦ୍ଭାବ, ଉଦ୍ଭବ ।

ଦ ଯ ଦ୍ୟ ଉଦ୍ୟୋଗ ।

ଉତ୍ତରଦରେ ବୃକ୍ଷଡାଳେ, ଯେବେ ଶବଦ ରଟିକାଳେ ।
ଆମ୍ଭ ଜନ୍ମଭୂମି ଉତ୍କଳଦେଶ, ଉତ୍କଳ ଜାତି ଅଟେ ଅଶେଷ ।
ସର୍ବ ଉତ୍ପାତୁ ତୋତେ ହର, ଭକ୍ତନ୍ତୁ ବତ୍ସ କୃପା କର ।
ଅନନ୍ତ ଅଦ୍ଭୁତ ମହିମା, କେ କହିପାରେ ତାର ସୀମା ।
ଉଦ୍ୟୋଗ କଲେ ସର୍ବ ସିଦ୍ଧି, ତପସ୍ୟା କଲେ ଚିତ୍ତ ଶୁଦ୍ଧି ।   ଚି

ପ ତ ପ୍ତ ଗୁପ୍ତ, ସୁପ୍ତ, ଲିପ୍ତ, କ୍ଷିପ୍ତ ।

ପ ପ ପ୍ପ ପିପ୍ପଳୀ ।

ପ ସ ପ୍ସ ଅପ୍ସର ।

ବ ଜ ବ୍ଜ ଅବ୍ଜ, କୁବ୍ଜ ।

ବ ଦ ବ୍ଦ ଅବ୍ଦ, ଶବ୍ଦ ।

ବ ଧ ବ୍ଧ ଲବ୍ଧ, କ୍ଷୁବ୍ଧ, ଅଲବ୍ଧ ।

ପଦ୍ମ ଫୁଟିଛି ସରୋବରରେ । ବେଢ଼ି ଅଛନ୍ତି ମଧୁକରରେ ।
କହିବ ନାହିଁ ଗୁପ୍ତ କଥା, ନ ଦଅ ଲୋକ ମନେ ବ୍ୟଥା ।
ପଢ଼ନ୍ତେ କର୍ଣ୍ଣେ ସେହି ଶବ୍ଦ, ଆନନ୍ଦ ପ୍ରାଣେ ହେଲା ଲବ୍ଧ ।'

ଲ	କ	ଲ୍କ	ବଲ୍କଲ, ଶୁଲ୍କ ।
ଲ	ଖ	ଲ୍ଖ	ଉଲ୍ଖା ।
ଲ	ଗ	ଲ୍ଗ	ଫଲ୍ଗୁ, ଫାଲ୍ଗୁନ ।
ଲ	ପ	ଲ୍ପ	ଅଲ୍ପ, ଗଲ୍ପ, କଲ୍ପନା, ସଂକଲ୍ପ, କଲ୍ପନା ।
ଲ	ଫ	ଲ୍ଫ	ଗୁଲ୍ଫ ।
ଲ	ଭ	ଲ୍ଭ	ପ୍ରଗଲ୍ଭ ।
ଶ	ଚ	ଶ୍ଚ	ନିଶ୍ଚୟ, ପଶ୍ଚିମ, ପଶ୍ଚାତ୍ ।
ଶ	ଛ	ଶ୍ଛ	ଶିରଶ୍ଛେଦ, ଦୁଶ୍ଛେଦ୍ୟ ।
ଷ	କ	ଷ୍କ	ଶୁଷ୍କ, ନିଷ୍କର, ଦୁଷ୍କର, ପରିଷ୍କାର ।
ଷ	ଟ	ଷ୍ଟ	ଅଷ୍ଟ, କଷ୍ଟ, ଦୁଷ୍ଟ, ପୁଷ୍ଟ, ତୁଷ୍ଟ, ରୁଷ୍ଟ, ସମଷ୍ଟି
ଷ	ଠ	ଷ୍ଠ	ଓଷ୍ଠ, କନିଷ୍ଠ, ବଳିଷ୍ଠ, ଶ୍ରେଷ୍ଠ, ଗରିଷ୍ଠ, ନିଷ୍ଠୁର ।
ଷ	ଣ	ଷ୍ଣ	କୃଷ୍ଣ, ବିଷ୍ଣୁ, ସହିଷ୍ଣୁ, ବୈଷ୍ଣବ ।
ଷ	ପ	ଷ୍ପ	ପୁଷ୍ପ, ନିଷ୍ପାପ, ନିଷ୍ପୀଡ଼ନ ।
ଷ	ଫ	ଷ୍ଫ	ନିଷ୍ଫଳ, ନିଷ୍ଫେନ ।
ସ	କ	ସ୍କ	ତସ୍କର, ନମସ୍କାର, ଅୟସ୍କାନ୍ତ, ପୁରସ୍କାର ।
ସ	ଖ	ସ୍ଖ	ସ୍ଖଳନ ।
ସ	ତ	ସ୍ତ	ସ୍ତବ୍ଧ, ପ୍ରଶସ୍ତ, ଦୁସ୍ତର, ନିସ୍ତାର, ବିସ୍ତାର
ସ	ଥ	ସ୍ଥ	ସ୍ଥାନ, ସ୍ଥିର, ସ୍ଥିତ, ସ୍ଥାବର, ଆସ୍ଥା, ଅସ୍ଥ, ସ୍ଥଳ ।
ସ	ପ	ସ୍ପ	ସ୍ପର୍ଶ, ପରସ୍ପର, ଆସ୍ପଦ, ବାସ୍ପ ।
ସ	ଫ	ସ୍ଫ	ସ୍ଫଟିକ, ସ୍ଫୀତ, ଆସ୍ଫାଳନ ।

ଫାଲ୍ଗୁନ ମାସରେ ଦୋଳଯାତ୍ରା ହୁଏ । ଦେହ ! ବଳ୍କଳ ପିନ୍ଧନ୍ତୁ । ପଶ୍ଚିମ ଦିଗରେ ଅଳ୍ପ ମେଘ ଉଠିଅଛି । ଶୁଷ୍କ କାଠ ଆଣିବାକୁ ଭଲ । ଗୁରୁଜନଙ୍କୁ ନମସ୍କାର କର । କେତେକ ବୃକ୍ଷ ପୁଷ୍ପବନ୍ତ କରୁ ନଥିଲ । ଜଳ ଗରମ କଲେ ସେଥିରୁ ବାଷ୍ପ ବାହାରେ । ସ୍ଫଟିକ ସ୍ବଚ୍ଛ ଅଟେ । ତାଙ୍କ ମୁଖ ନିଷ୍ପ୍ରଭ ଦିଶୁଅଛି । ଦୟାଳୁ ଲୋକ ଦୁଃଖିମାନଙ୍କର କଷ୍ଟ ହରଣ କରନ୍ତି । ବେଙ୍ଗ ଓଳଉଳେ ବସିଅଛି ।



କ	ତ	ର	କ୍ତ୍ର	ବକ୍ତ୍ର ।
କ	ଷ	ଣ	କ୍ଷ୍ଣ	ତୀକ୍ଷ୍ଣ ।
କ	ଷ	ମ	କ୍ଷ୍ମ	ସୂକ୍ଷ୍ମ, ଲକ୍ଷ୍ମୀ, ଯକ୍ଷ୍ମ ।
କ	ଷ	ଯ	କ୍ଷ୍ୟ	ଲକ୍ଷ୍ୟ, ସାକ୍ଷ୍ୟ, ଋକ୍ଷ୍ୟ ।
ଙ	କ	ତ	ଙ୍କ୍ତ	ପଙ୍କ୍ତି ।
ଙ	କ	ଷ	ଙ୍କ୍ଷ	ଆକାଙ୍କ୍ଷା
ଜ	ଜ	ବ	ଜ୍ଜ୍ବ	ଉଜ୍ଜ୍ବଳ ।
ଣ	ଡ	ର	ଣ୍ଡ୍ର	ପୁଣ୍ଡ୍ର ।
ତ	ତ	ବ	ତ୍ତ୍ବ	ତତ୍ତ୍ବ, ମହତ୍ତ୍ବ, ସତ୍ତ୍ବ ।
ତ	ତ	ର	ତ୍ତ୍ର	ପୁତ୍ତ୍ର ।
ତ	ମ	ଯ	ତ୍ମ୍ୟ (ତ୍ମ୍ୟ)	ମାହାତ୍ମ୍ୟ, ଦୌରାତ୍ମ୍ୟ ।
ତ	ସ	ନ	ତ୍ସ୍ନ	ଜ୍ୟୋତ୍ସ୍ନା ।
ତ	ସ	ଯ	ତ୍ସ୍ୟ	ମତ୍ସ୍ୟ ।
ନ	ତ	ଯ	ନ୍ତ୍ୟ	ଅନ୍ତ୍ୟ ।
ନ	ତ	ର	ନ୍ତ୍ର	ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ମନ୍ତ୍ରୀ ।
ନ	ତ	ବ	ନ୍ତ୍ବ	ସାନ୍ତ୍ବନା ।
ନ	ଦ	ର	ନ୍ଦ୍ର	ଇନ୍ଦ୍ର, ଇନ୍ଦ୍ରିୟ, ଚନ୍ଦ୍ର ।
ନ	ଦ	ବ	ନ୍ଦ୍ବ	ଦ୍ବନ୍ଦ୍ବ ।

ନ ଧ ର ନ୍ଧ୍ର ରନ୍ଧ୍ର ।

ନ ଧ ଯ ନ୍ଧ୍ୟ ବନ୍ଧ୍ୟ, ସନ୍ଧ୍ୟା, ବନ୍ଧ୍ୟ ।

ନ ନ ଯ ନ୍ନ୍ୟ ସନ୍ନ୍ୟାସ, ସନ୍ନ୍ୟାସୀ ।

ମ ପ ର ମ୍ପ୍ର ସମ୍ପ୍ରତି, ସମ୍ପ୍ରଦାୟ, ସମ୍ପ୍ରଦାନ ।

ମ ଭ ର ମ୍ଭ୍ର ସମ୍ଭ୍ରମ, ସମ୍ଭ୍ରାନ୍ତ ।

ର ଚ ଚ ର୍ଚ୍ଚ ଅର୍ଚ୍ଚନା, ଚର୍ଚ୍ଚା ।

ର ଛ ଛ ର୍ଚ୍ଛ ମୂର୍ଚ୍ଛା, ମୂର୍ଚ୍ଛନା ।

ର ଣ ଣ ର୍ଣ୍ଣ ପର୍ଣ୍ଣ, ସ୍ୱର୍ଣ୍ଣ, ପୂର୍ଣ୍ଣ, ଚୂର୍ଣ୍ଣ ।

ର ତ ତ ର୍ତ୍ତ କର୍ତ୍ତନ, କୀର୍ତ୍ତି, ମୂର୍ତ୍ତି ।

ର ଦ ଦ ର୍ଦ୍ଦ ଗର୍ଦ୍ଦଭ ।

ର ଦ ଧ ର୍ଦ୍ଧ ଅର୍ଦ୍ଧ, ନିର୍ଦ୍ଧାରିତ, ବର୍ଦ୍ଧନ ।

ର ତ ସ ର୍ତ୍ସ ଭର୍ତ୍ସନା ।

ର ଦ ର ର୍ଦ୍ର ଆର୍ଦ୍ର ।

ର ଯ ଯ ର୍ଯ୍ୟ କାର୍ଯ୍ୟ, ଧୈର୍ଯ୍ୟ, ସୂର୍ଯ୍ୟ ।

ର ଶ ଵ ର୍ଶ୍ୱ ପାର୍ଶ୍ୱ, ପାରିପାର୍ଶ୍ୱିକ ।

ଷ କ ର ଷ୍କ୍ର ନିଷ୍କ୍ରିୟ ।

ଷ ଟ ର ଷ୍ଟ୍ର ଉଷ୍ଟ୍ର, ରାଷ୍ଟ୍ର ।

ଷ ପ ର ଷ୍ପ୍ର ଦୁଷ୍ପ୍ରାପ୍ୟ, ନିଷ୍ପ୍ରୟୋଜନ ।

ସ ତ ର ସ୍ତ୍ର ଅସ୍ତ୍ର, ଶସ୍ତ୍ର, ଶାସ୍ତ୍ର, ବସ୍ତ୍ର ।

ସ ଥ ଯ ସ୍ଥ୍ୟ ସ୍ୱାସ୍ଥ୍ୟ, ଗାର୍ହସ୍ଥ୍ୟ

ନ ତ ର ଯ ନ୍ତ୍ର୍ୟ ସ୍ୱାତନ୍ତ୍ର୍ୟ, ପାରତନ୍ତ୍ର୍ୟ

ର ତ ତ ଯ ର୍ତ୍ତ୍ୟ ମର୍ତ୍ତ୍ୟ ।

ର ତ ତ ର ର୍ତ୍ତ୍ର କର୍ତ୍ତ୍ରୀ ।

ର ଦ ଧ ଵ ର୍ଦ୍ଧ୍ୱ ଊର୍ଦ୍ଧ୍ୱ ।

ଢ଼ି ବ୍ରିଅଣୀ ଛାଲ ବଡ଼ ସୂକ୍ଷ୍ମ । ମୂଷିକର ଦନ୍ତ ତୀକ୍ଷ୍ଣ । ଉଦ୍ୟୋଗୀ ପୁରୁଷଙ୍କୁ ଲକ୍ଷ୍ମୀ ମିଳେ । ସେ ତୁମ୍ଭର ଶୁଭକାଙ୍କ୍ଷୀ ଅଟନ୍ତି । ଶରତ୍କାଳରେ ଚନ୍ଦ୍ର ଅତିଶୟ ଉଜ୍ଜ୍ୱଳ ଦିଶେ । ତାହାଙ୍କର ମହତ୍ତ୍ୱ ବିଷୟ ଚିନ୍ତାକର । ଶୋକାର୍ତ୍ତ ଲୋକକୁ ସାନ୍ତ୍ୱନା ଦିଅ । ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା, ତ୍ୱକ୍ ବା ଚର୍ମ ଏହି ପାଞ୍ଚ ଇନ୍ଦ୍ରିୟ । ସନ୍ଧ୍ୟା ସମୟରେ ସନ୍ନ୍ୟାସୀ ଧ୍ୟାନ କରନ୍ତି । ପିତା କନ୍ୟା ସମ୍ପ୍ରଦାନ କଲେ । ସଂସ୍କୃତଶାସ୍ତ୍ରର ଚର୍ଚ୍ଚା କର । ସେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ଆର୍ଦ୍ର ବସ୍ତ୍ର ପିନ୍ଧିବ ନାହିଁ । ତାଙ୍କପରି ସଜ୍ଜନ ଦୁର୍ଲ୍ଲଭ । ଦକ୍ଷିଣପାର୍ଶ୍ୱରେ ପୀଡ଼ା ହୋଇଅଛି । ସର୍ବସୁଖର ମୂଳ ସ୍ୱାସ୍ଥ୍ୟ । ଅର୍ଦ୍ଧରାତ୍ର ସମୟରେ ମୁଁ ଊର୍ଦ୍ଧ୍ୱକୁ ଅନାଇ ନକ୍ଷତ୍ରପୂର୍ଣ୍ଣ ଆକାଶକୁ ଦେଖିଲି । ଞି
ସମୟକୁ ନିଷ୍ପ୍ରୟୋଜନ କାର୍ଯ୍ୟରେ ନଷ୍ଟ କରିବ ନାହିଁ ।

ବିବିଧ ପାଠ ।

ମସ୍ତକ ଦେହର ଉତ୍ତମ ଅଙ୍ଗ । ପ୍ରତିହସ୍ତରେ ପାଞ୍ଚ ଅଙ୍ଗୁଳି । ପ୍ରତି-ପାଦରେ ପାଞ୍ଚ ଅଙ୍ଗୁଳି । ମନୁଷ୍ୟର ଦୁଇଟି ବାହୁ, ଦୁଇଟି ହସ୍ତ, ଦୁଇଟି ପାଦ, ଦୁଇଟି ଚକ୍ଷୁ, ଦୁଇଟି କର୍ଣ୍ଣ, ଦୁଇଟି ଓଷ୍ଠ । ନାସିକାରେ ଦୁଇଟି ରନ୍ଧ୍ର ଅଛି । ଉଦରରେ ପାକଯନ୍ତ୍ର ଅଛି । ମସ୍ତକରୁ ପାଦପର୍ଯ୍ୟନ୍ତ ସମସ୍ତ ଦେହରେ ରକ୍ତ ପ୍ରବାହିତ ହେଉଅଛି ।

କିଏ ତୁମ୍ଭଙ୍କୁ ଏବ ଅଉ ସବୁ ଜୀବମାନଙ୍କୁ କରିଅଛନ୍ତି? କିଏ ତୁମ୍ଭଙ୍କୁ ଦେଖିବାପାଇଁ ଚକ୍ଷୁ, ଶୁଣିବାପାଇଁ କର୍ଣ୍ଣ, ଶୁଙ୍ଘିବାପାଇଁ ନାସିକା, ସ୍ୱାଦ ଶୁ
ବାରିବାପାଇଁ ଜିହ୍ୱା, କଥା କହିବାପାଇଁ ମୁଖ, ପଦାର୍ଥମାନ ଧରିବାପାଇଁ ହସ୍ତ, ଏକସ୍ଥାନରୁ ଅନ୍ୟସ୍ଥାନକୁ ଯିବାପାଇଁ ପାଦ ଦେଇଅଛନ୍ତି? କିଏ ତୁମ୍ଭଙ୍କୁ ଭଲ ମନ୍ଦ, ନ୍ୟାୟ, ଅନ୍ୟାୟ ବିଚାର କରିବାପାଇଁ ବୁଦ୍ଧି ଦେଇଅଛନ୍ତି? ପରମେଶ୍ୱର ତୁମ୍ଭଙ୍କୁ ସୃଷ୍ଟି କରିଅଛନ୍ତି, ତୁମ୍ଭଙ୍କୁ ସର୍ବଦା ରକ୍ଷା କରୁଅଛନ୍ତି । ଆହା ତାଙ୍କର ଦୟା କିଏ ବର୍ଣ୍ଣି ପାରିବ?

ସୂର୍ଯ୍ୟ ଆମ୍ଭମାନଙ୍କୁ ଆଲୁଅ ଓ ଉତ୍ତାପ ଦେଉଅଛି । ସୂର୍ଯ୍ୟ ନ ଥିଲେ ସଂସାର ଅନ୍ଧକାରମୟ ଓ ଅତି ଶୀତଳ ହୋଇଥାନ୍ତା । ପୃଥିବୀରେ ଜୀବ ଜନ୍ତୁ, ବୃକ୍ଷ ଲତା କିଛି ଜନ୍ମି ପାରନ୍ତା ନାହିଁ । ସୂର୍ଯ୍ୟ ପୃଥିବୀଠାରୁ ଅତି ବୃହତ୍ । ପୃଥିବୀ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବର୍ଷକେ ଥରେ ବୁଲେ ।

ରାତ୍ରିକାଳରେ ଚନ୍ଦ୍ର ଉଜ୍ଜ୍ୱଳ ଦେଖାଯାଏ । ଚନ୍ଦ୍ର କ୍ରମେ କ୍ରମେ ବଢୁଥାଏ । ଯେଉଁଦିନ ସେ ସମ୍ପୂର୍ଣ୍ଣ ଗୋଲ ହୁଏ ବା ପୂର୍ଣ୍ଣଚନ୍ଦ୍ର ହୁଏ, ସେଦିନ ପୂର୍ଣ୍ଣିମା । ଯେଉଁ ଦିନ ଚନ୍ଦ୍ର ଏକାବେଳକେ ଦେଖାଯାଏ ନାହିଁ, ତାହାକୁ ଅମାବାସ୍ୟା କହନ୍ତି । ଚନ୍ଦ୍ରର ନିଜର ଆଲୁଅ ନାହିଁ । ଯେଉଁ ଆଲୁଅକୁ ଜ୍ୟୋତ୍ସ୍ନା ବୋଲାଯାଏ ତାହା ଚନ୍ଦ୍ର ସୂର୍ଯ୍ୟଠାରୁ ପାଏ । ଚନ୍ଦ୍ର ପୃଥିବୀ ଅପେକ୍ଷା କ୍ଷୁଦ୍ର । ଚନ୍ଦ୍ର ପୃଥିବୀର ଚାରିଆଡ଼ରେ ମାସକେ ଥରେ ବୁଲେ ।

ସୂର୍ଯ୍ୟ ଯେଉଁ ଦିଗରେ ଉଠେ, ତୁମ୍ଭେ ସେହି ଦିଗକୁ ଅନାଇଅଛ । ସେହି ଦିଗ ପୂର୍ବଦିଗ । ତୁମ୍ଭର ଦକ୍ଷିଣହସ୍ତ ଦକ୍ଷିଣଦିଗକୁ ଅଛି, ବାମ ହସ୍ତ ଉତ୍ତର ଦିଗକୁ ଅଛି, ତୁମ୍ଭର ପଛଆଡ଼େ ପଶ୍ଚିମଦିଗ ।

ତୁମ୍ଭେ ପଶ୍ଚିମଦିଗକୁ ଅନାଇ ଠିଆ ହେଲେ, ତୁମ୍ଭର ଦକ୍ଷିଣହସ୍ତ କେଉଁ ଦିଗକୁ ହେବ? ତୁମ୍ଭେ ଦକ୍ଷିଣଦିଗକୁ ଅନାଇ ଠିଆ ହେଲେ, ତୁମ୍ଭର ବାମ ହସ୍ତ କେଉଁ ଦିଗକୁ ହେବ? ତୁମ୍ଭେ ଉତ୍ତର ଆଡ଼କୁ ଅନାଇ ଠିଆ ହେଲେ, ତୁମ୍ଭର ପିଠି କେଉଁ ଦିଗକୁ ରହିବ?

ଦିନ ରାତି ମିଶି ଦିବସ ଏକ । ସାତ ଦିବସରେ ସପ୍ତାହ ଲେଖ ।
ସପ୍ତାହର ସାତବାରର ନାମ । ମନେ ସଦା ରଖିଥିବ ହେ ରାମ ।
ରବି ପରେ ସୋମ, ତା ପରେ ମଙ୍ଗଳ, ତାପରେ ଯେ ବୁଧବାର ।
ଗୁରୁ, ଶୁକ୍ର, ଶନି, ଅଟେ ତାହା ପରେ, ସାତ ବାର ଏପ୍ରକାର ।

ପନ୍ଦର ଦିନକୁ, ଏକ ପକ୍ଷ ବୋଲି, ଦୁଇ ପକ୍ଷେ ଏକ ମାସ ।
ଦୁଇ ମାସ ମିଳି, ଏକ ଋତୁ ହୁଏ, ମନେ ରଖ ଚାଟବାସ ।
ଶୁକ୍ଳ ପକ୍ଷେ ଚନ୍ଦ୍ର, ପ୍ରତି ଦିବସରେ, ବଢ଼ଇ ପୂର୍ଣ୍ଣିମା ଯାଏ ।
କୃଷ୍ଣ ପକ୍ଷେ ପୁଣି, ଅମାବସ୍ୟା ଯାଏ, ଅଳ୍ପେ ଅଳ୍ପେ ଛିଡ଼ୁଥାଏ ।

ଦ୍ୱାଦଶ ମାସରେ, ଛଅ ଋତୁ ହୁଏ, କେ କହି ପାରିବ କହ ।
ଗ୍ରୀଷ୍ମ, ବର୍ଷା, ଶରତ୍, ଶିଶିର, ହେମନ୍ତ, ବସନ୍ତ ଋତୁ ଏ ଛଅ ।
ଗ୍ରୀଷ୍ମେ ବୈଶାଖ, ଜ୍ୟେଷ୍ଠ ମାସ । ପ୍ରଚଣ୍ଡ ରୌଦ୍ର ପରକାଶ ।
ବର୍ଷାରେ ଆଷାଢ଼ ଶ୍ରାବଣ । ମେଘ ବରଷେ ଘନ ଘନ ।
ଭାଦ୍ର ଆଶ୍ୱିନ ଶରତରେ । ନିର୍ମଳ ଶୋଭା ଜଗତରେ ।
ହିମେ କାର୍ତ୍ତିକ ମାର୍ଗଶିର । ରାତିରେ ପଡ଼ଇ ଶିଶିର ।
ଶୀତରେ ପୌଷ ମାଘ ମାସ । ଦେହରେ ରଖ ଶୀତବାସ ।
ଫାଲ୍ଗୁନ ଚୈତ୍ର ବସନ୍ତରେ । ମୃଦୁ ମଳୟ ମନ ହରେ ।
ବାରମାସର କଥା ଏହି । ହେଲ ବାଳକେ ମନ ଦେଇ ।

ବୃକ୍ଷ ବୀଜରୁ ଜାତ ହୁଏ । ବଟ ବୃକ୍ଷର ବୀଜ କେଡ଼େ କ୍ଷୁଦ୍ର । ଦେଖ କେଡ଼େ କ୍ଷୁଦ୍ର ବୀଜରୁ କେଡ଼େ ବଡ଼ ବୃକ୍ଷ ଜନ୍ମେ । ସଂସାରରେ କେତେ ପ୍ରକାର ବୃକ୍ଷ ଅଛି ! ବଟ, ଅଶ୍ୱତ୍ଥ, ନାରିକେଳ, ଆମ୍ବ, ତାଳ, ଶାଳ, ପିଆଶାଳ, ଅସନ ପ୍ରଭୃତି ଶତ ଶତ ପ୍ରକାର ବଡ଼ ବୃକ୍ଷ ଅଛି । ମାଧବୀ, ମାଳତୀ, ନଅଳୀ, ଅପରାଜିତା ପ୍ରଭୃତି ଲଟାନ୍ତି, ଅର୍ଥାତ୍ ଲଟାଇ ଲଟାଇ ମାଡ଼ି ଯାଆନ୍ତି ବୋଲି ସେମାନଙ୍କୁ ଲତା ବୋଲାଯାଏ । ଶତ ଶତ ପ୍ରକାର ଲତା ଅରଣ୍ୟରେ ଦେଖାଯାଏ । ମନୁଷ୍ୟମାନେ ନାନା ପ୍ରକାର ଶସ୍ୟ କରନ୍ତି, ଯଥା ଅଖୁ, ଧାନ, ମୁଗ, ହରଡ଼, ଗହମ, ବୁଣ୍ଠ, ବ୍ରୀହି, ଯବ ଇତ୍ୟାଦି ।

ଆମ୍ଭ ଗ୍ରାମର କୃଷକମାନେ ସେମାନଙ୍କର ଧାନ ଜମି ସବୁ ହଳ କରି ସାରିଲେଣି । ଆଜି ଚାଷିମାନେ ଧାନ ବୁଣିବେ । ଆସ ଦେଖିବାକୁ ଯିବା । ଯେଉଁ ଧାନ ବୁଣାଯାଏ ତାହାକୁ ବିହନ ବୋଲନ୍ତି । ବିହନ ବୁଣି ସାରି

୨୦

କୃଷକମାନେ ଜମି ଉପରେ ମଇ ଦେଇ ତାହାକୁ ଚିକ୍କଣ କରିଥାନ୍ତି । ଚି
ବହୁତ ବୃଷ୍ଟି ଜଳ ଓ ରୌଦ୍ର ପାଇ ପୁଷ୍ଟ ହୋଇ ଧାନ ଗଛ ହେବ । ଧାନ
ଗଛରେ ଧାନ ଫଳିଲେ କୃଷକମାନେ ଆନନ୍ଦରେ ଧାନ ଅମଳ କରିବେ ।

ମତ୍ସ୍ୟମାନେ ଜଳରେ ବାସ କରନ୍ତି । ସେମାନଙ୍କୁ ଜଳରୁ କାଢ଼ି ଆଣିଲେ ଛି
ସେମାନେ ଅଳ୍ପକ୍ଷଣ ମଧ୍ୟରେ ମରିଯିବେ । ମତ୍ସ୍ୟମାନଙ୍କର ପାଦ ନାହିଁ ।
ସେମାନଙ୍କର ଲାଞ୍ଜ ଓ ଡେଣା ଥିବାରୁ ସେମାନେ ଲାଞ୍ଜ ଓ ଡେଣା
ସାହାଯ୍ୟରେ ସନ୍ତରଣ କରନ୍ତି । ଅଧିକାଂଶ ମତ୍ସ୍ୟମାନଙ୍କ ଦେହରେ
କାତି ଥାଏ । ମତ୍ସ୍ୟମାନେ ଅଣ୍ଡା ବା ଡିମ୍ବରୁ ଜାତ ।

ତୁମେ ମହୁମାଛିମାନଙ୍କର ମହୁ ବସା ଦେଖିଅଛ କି? ମହୁ ବସା ଭିତରେ କ୍ଷି
କ୍ଷୁଦ୍ର କ୍ଷୁଦ୍ର କେତେ କୋଠରି ଅଛି । ସବୁ କୋଠରି ଗୁଡ଼ିକର ଆକାର
ଓ ଆୟତନ ସମାନ । ମହୁମାଛିମାନେ ପୁଷ୍ପମାନଙ୍କରୁ ମଧୁ ଆଣି ସେହି
କୋଠରିମାନଙ୍କରେ ମଧୁ ସଞ୍ଚୟ କରନ୍ତି । ଦେଖ, କିପରି କୌଶଳରେ
ମଧୁଚକ୍ର ବା ମହୁ ବସା ନିର୍ମିତ ହୋଇଅଛି । ମଧୁ ମିଷ୍ଟ ଓ ହିତକାରୀ ।
ମହୁମାଛିମାନେ ଅତ୍ୟନ୍ତ ପରିଶ୍ରମୀ । ମଧୁମକ୍ଷିକା ପରି ପରିଶ୍ରମ କର ।
ମାଛିମାନଙ୍କର ଛଅଟା ଗୋଡ଼, ଦୁଇଟା ଡେଣା ଓ ଅନେକ ଗୁଡ଼ାଏ
ଚକ୍ଷୁ ଅଛି ।

ପକ୍ଷୀମାନେ କି ସୁନ୍ଦର ବସା ନିର୍ମାଣ କରନ୍ତି! କାଠି, କୁଟା, ଶୁଷ୍କ ପତ୍ର,
କେଶ ପ୍ରଭୃତି ନେଇ ପକ୍ଷୀମାନେ ତାହା ଦ୍ୱାରା ବସା ନିର୍ମାଣ କରନ୍ତି । ଏକ
ଏକ ଜାତି ପକ୍ଷୀ ଏକ ଏକ ପ୍ରକାର ବସା ନିର୍ମାଣ କରନ୍ତି । ପକ୍ଷୀମାନେ
[illegible], [illegible] ଗୁଡ଼ିକ [illegible] ଉଷୁମ [illegible], ଡିମ୍ବ
[illegible] ଛୁଆମାନେ ବାହାରନ୍ତି । ଶାବକମାନେ ଡିମ୍ବରୁ ବାହାରିଲେ କ୍ଷଣି
[illegible] ନାହିଁ । ସେମାନଙ୍କର ବାପ ମା ସେମାନଙ୍କୁ ଖାଦ୍ୟ ଦେଇ [illegible]
[illegible] କ୍ରମେ କ୍ରମେ ସବଳ ହୋଇ
[illegible] ଉଡ଼ିପାରନ୍ତି ।

ସୁନ୍ଦର ସଂସାର ।

ଆକାଶ ଦର୍ପଣ କି ସୁନ୍ଦର । ତାହାକୁ ରଚିଲେ ଈଶ୍ୱର ।
ଉଜ୍ଜ୍ୱଳ ସୂର୍ଯ୍ୟ, ଚନ୍ଦ୍ର ତାରା । ନୀଳ ସମୁଦ୍ର ଶ୍ୟାମ ଧରା ।
ପର୍ବତ, ନଦୀ, ଉପବନ । ସୃଜିଲେ ପ୍ରଭୁ ନିରଞ୍ଜନ ।
ନାନା ବର୍ଣ୍ଣର ଫୁଲ ଫଳ । ବୃକ୍ଷର ପଲ୍ଲବ କୋମଳ ।
ମନୁଷ୍ୟ, ପଶୁ, ପକ୍ଷୀ ଆଦି । ସୃଜନ ସୃଜିଲେ ଅନାଦି ।
ତାଙ୍କର ଆଜ୍ଞାରେ ପବନ । ସର୍ବତ୍ର କରେ ବିଚରଣ ।
ଅଗ୍ନି ତାଙ୍କର ଆଦେଶରେ । ଉତ୍ତାପ ଦେଇ ଦିନ କରେ ।
ଈଶ୍ୱର ଦୟାର ସାଗର । ତାଙ୍କର ମହିମା ସୁନ୍ଦର ।

ପରମେଶ୍ୱର ।

ଯାହା ମୁଁ କରଇ ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ । ଛି
ଜଗତର କର୍ତ୍ତା, ପରମ-ଈଶ୍ୱର, ଜାଣୁଛନ୍ତି ପ୍ରତିକ୍ଷଣେ ।
ମୋ ପାଖେ ଅଛନ୍ତି, ଦିବସ ରଜନୀ, ମହାପ୍ରଭୁ ପରାତ୍ପର ।
ଏ କଥା ସ୍ମରି, ହୃଦୟେ ତାହାଙ୍କୁ, ପୂଜିବି ମୁଁ ନିରନ୍ତର ।

ସ୍ତବ ।

କି ସୁନ୍ଦର ଅହା, କି ଆନନ୍ଦମୟ, ଏହି ବିଶାଳ ସଂସାର ।
ଧନ୍ୟ ମହାପ୍ରଭୁ, ମହିମା ତୁମ୍ଭର, ଅଟେ ଅନନ୍ତ ଅପାର ।
ସୂର୍ଯ୍ୟ ଚନ୍ଦ୍ର ତାରା, ତୁମ୍ଭର ଆଜ୍ଞାରେ, ବିତରନ୍ତି ଜ୍ୟୋତିରାଶି ।
ତୁମ୍ଭର କୁସୁମ ପ୍ରତି ପ୍ରଭାତରେ, ମୃଦୁ ଆନନ୍ଦେ ହସି ।
ଏତ ମୂର୍ତ୍ତି ବନ୍ଧୁ, ତାର ଚିନ୍ତନରେ, ହୃଦୟେ ଦେଉଛି ପ୍ରୀତି ।
ତେଣୁ ମୁଁ ସଂସାରେ, ରହିଛି ଆନନ୍ଦେ, ଦୁଃଖ ଭୁଞ୍ଜି କେତେ କେତେ
ଦିଅ ଭକ୍ତି ପ୍ରଭୁ, ହୃଦୟେ ମୋହର, ବଢ଼ଉ ନିତ୍ୟ ତହିଁରେ ।
ସତ୍ୟପଥେ ରହି, ତୁମ୍ଭର ଆଜ୍ଞାରେ, ଯାଉ ମୋ ଦିନ ନଷ୍ଟୀରେ ।